# Second Joint Task Force Meeting on Andaman & Nicobar Islands, and Aceh Connectivity

December 19, 2022

## ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଆସେ ସଂଯୋଗୀକରଣ ଉପରେ ମିଳିତ ଟାସ୍କ ଫୋର୍ସର ଦ୍ୱିତୀୟ ବୈଠକ

**ଡିସେମ୍ବର 19, 2022**

ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ (ଏଏନଆଇ) ଏବଂ ଇଣ୍ଡୋନେସିଆର ଆସେ ପ୍ରଦେଶ ମଧ୍ୟରେ ସଂଯୋଗୀକରଣର ବିକାଶ ଉପରେ ମିଳିତ ଟାସ୍କ ଫୋର୍ସ (ଜେଟିଏଫ୍) ର ଦ୍ୱିତୀୟ ପର୍ଯ୍ୟାୟ ବୈଠକ 20 ଡିସେମ୍ବର 2022 ରେ ପୋର୍ଟ ବ୍ଲେୟାରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ଦକ୍ଷିଣ) ଶ୍ରୀ ବିଶ୍ୱାସ ସାପକାଲ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ବେଳେ ଇଣ୍ଡୋନେସିଆର ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ଇଣ୍ଡୋନେସିଆର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଦକ୍ଷିଣ ଓ କେନ୍ଦ୍ରୀୟ ଏସିଆ ବ୍ୟାପାର ବିଭାଗର ନିର୍ଦ୍ଦେଶକ ମାନ୍ୟବର ଶ୍ରୀ ଜାଟମିକୋ ଏଚ୍ ପ୍ରାସେଟ୍ୟୋ।

2. ଏହି ବୈଠକରେ ପ୍ରତିନିଧି ଦଳର ମୁଖ୍ୟମାନେ 2019 ରେ ଅନୁଷ୍ଠିତ ପ୍ରଥମ ଜେଟିଏଫ୍ ବୈଠକ ପରଠାରୁ ଏଏନଆଇ ଏବଂ ଆସେ ମଧ୍ୟରେ ସଂଯୋଗୀକରଣର ବିକାଶରେ ହୋଇଥିବା ଅଗ୍ରଗତି ଏବଂ ଉପୁଜୁଥିବା ସମସ୍ୟାଗୁଡିକର ସମୀକ୍ଷା କରିଥିଲେ। ଏଏନଆଇ ଏବଂ ଆସେର ଅର୍ଥନୈତିକ ସମ୍ଭାବନାକୁ ବିକଶିତ କରିବା ପାଇଁ ଏହି ଦୁଇ ଅଞ୍ଚଳ ମଧ୍ୟରେ ବାଣିଜ୍ୟ, ପର୍ଯ୍ୟଟନ ଏବଂ ଲୋକମାନଙ୍କ ମଧ୍ୟରେ ଯୋଗାଯୋଗ ବୃଦ୍ଧି କରିବା, ଏବଂ ସାବଙ୍ଗ ଓ ଏହାର ଆଖପାଖ ଅଞ୍ଚଳରେ ବନ୍ଦର ସମ୍ବନ୍ଧୀୟ ଭିତ୍ତିଭୂମି ପାଇଁ ପ୍ରକଳ୍ପଗୁଡିକର ସ୍ଥିତି ବିଷୟରେ ଉଭୟ ପକ୍ଷ ଆଲୋଚନା କରିଥିଲେ।

3. ବାଣିଜ୍ୟ ଓ ପୁଞ୍ଜି ବିନିଯୋଗରେ ବୃଦ୍ଧି ଆଣିବାକୁ ଜେଟିଏଫ୍ ଉଭୟ ପକ୍ଷର ବ୍ୟବସାୟିକ ସଂଘ ତଥା ସମ୍ଭାବ୍ୟ ନିବେଶକମାନଙ୍କ ମଧ୍ୟରେ ଆଲୋଚନା ପାଇଁ ସୁଯୋଗ ବଢାଇବାକୁ ରାଜି ହୋଇଥିଲା। ମହାମାରୀ ପରେ ଆନ୍ତର୍ଜାତିକ ପର୍ଯ୍ୟଟନରେ ପୁନରୁଦ୍ଧାରକୁ ଦୃଷ୍ଟିରେ ରଖି ଉଭୟ ପକ୍ଷ ନୌପର୍ଯ୍ୟଟନ, କ୍ରୁଜ୍ ଜାହାଜ ଭ୍ରମଣ ଏବଂ ଟୁର୍ ଅପରେଟରମାନଙ୍କ ମଧ୍ୟରେ ଚର୍ଚ୍ଚାକୁ ପ୍ରୋତ୍ସାହିତ କରିବାକୁ ସହମତ ହୋଇଥିଲେ। ଏହି ଅଞ୍ଚଳର ସମୃଦ୍ଧ ସାମୁଦ୍ରିକ ସମ୍ବଳକୁ ଧ୍ୟାନରେ ରଖି ସେମାନେ ମତ୍ସ୍ୟଧରା ଅପରେଟରମାନଙ୍କ ଦକ୍ଷତା ବିକାଶରେ ସହଯୋଗ କରିବାକୁ ଏବଂ ପରସ୍ପରର ଅଭିଜ୍ଞତାରୁ ଶିଖିବାକୁ ମଧ୍ୟ ସହମତ ହୋଇଥିଲେ। ଏଏନଆଇ ଏବଂ ଆସେ ମଧ୍ୟରେ ଶୈକ୍ଷଣିକ ସହଯୋଗ ଓ ସାଂସ୍କୃତିକ ସମ୍ପର୍କକୁ ବଢାଇବା ପାଇଁ ଜେଟିଏଫ୍ ମଧ୍ୟ ଆଲୋଚନା କରିଥିଲା।

4. ଏଏନଆଇ ଏବଂ ଆସେ ମଧ୍ୟରେ ସଂଯୋଗୀକରଣର ବିକାଶ ହେଉଛି ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ନୌବାଣିଜ୍ୟ ସହଯୋଗକୁ ନେଇ ସହଭାଗୀ ଦୃଷ୍ଟିକୋଣର ଏକ ପ୍ରମୁଖ ଅଂଶ ଯାହା ଉପରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଇଣ୍ଡୋନେସିଆର ରାଷ୍ଟ୍ରପତି ମାନ୍ୟବର ଶ୍ରୀ ଜୋକୋ ୱିଡୋଡୋ ମଇ 2018 ରେ ସହମତ ହୋଇଥିଲେ। ଜେଟିଏଫର ତୃତୀୟ ପର୍ଯ୍ୟାୟ ବୈଠକ 2023 ରେ ଆସେରେ ଅନୁଷ୍ଠିତ ହେବ ବୋଲି ଆଶା କରାଯାଉଛି।

**ପୋର୍ଟ ବ୍ଲେୟାର**
**ଡିସେମ୍ବର 19, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.